ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/OLLC(Od)/1366/22-11-2021**

## ବିଶ୍ୱପ୍ରସିଦ୍ଧ ସମ୍ବଲପୁରୀ ବାନ୍ଧକଳା ଓ ଚିତ୍ରକଳାର ଯୁଗଳବନ୍ଦୀ

## ଉନ୍ମୋଚିତ ହେଲା ମୁକ୍ତାକାଶ ଆର୍ଟ ଗ୍ୟାଲେରୀ

ଭୁବନେଶ୍ୱର, ୨୨/୧୧/୨୦୨୧

ସମ୍ବଲପୁର ଜିଲ୍ଲାର ଧନକଉଡା ବ୍ଲକ କର୍ଡୋଲା ଗାଁରେ ୪ ଦିନ ଧରି ଓଡ଼ିଶା ଲଳିତ କଳା ଏକାଡେମୀ ଓ ସମ୍ବଲପୁର ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଅନୁଷ୍ଠିତ ପାରମ୍ପରିକ ସମ୍ବଲପୁରୀ ବସ୍ତ୍ରର ରୂପାଙ୍କନ ଆଧାରିତ ଚିତ୍ରକଳା ଶିବିର ଉଦଯାପିତ ହୋଇଛି । ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦିଗଦର୍ଶନରେ ଓଡ଼ିଶାର ପଶ୍ଚିମାଞ୍ଚଳ ଶିଳ୍ପୀମାନଙ୍କୁ ପ୍ରୋତ୍ସାହିତ କରିବା ସହ ସମ୍ବଲପୁରୀ ବସ୍ତ୍ରର ରୂପାଙ୍କନକୁ ବହୁଳ ଭାବେ ଆଦୃତ କରିବା ପାଇଁ ସମ୍ବଲପୁରଠାରେ ଏକ ଭିତ୍ତିଚିତ୍ର ଶିବିର ଜିଲ୍ଲା ପ୍ରଶାସନଙ୍କ ମିଳିତ ସହଯୋଗରେ ଆୟୋଜନ କରାଯାଇଥିଲା । ଏହାର ମୁଖ୍ୟ ଉଦ୍ଦେଶ୍ୟ ଓଡ଼ିଶାର ପଶ୍ଚିମାଞ୍ଚଳ ବୁଣାକାର ଓ ଚିତ୍ରଶିଳ୍ପୀମାନଙ୍କର ଯୁଗଳବନ୍ଦୀ ଦ୍ୱାରା ସମ୍ବଲପୁରୀ ବସ୍ତ୍ର ରୂପାଙ୍କନ ବିଶ୍ୱଦରବାରରେ ପରିଚିତ କରିବାର ପ୍ରୟାସ ସହ ପଶ୍ଚିମାଞ୍ଚଳ ଶିଳ୍ପୀମାନଙ୍କୁ ପ୍ରୋତ୍ସାହିତ କରିବା । ଅନ୍ତିମ ଦିବସରେ ଉକ୍ତ ୪୭ଟି ଭିତ୍ତିଚିତ୍ରକୁ ନେଇ ମୁକ୍ତାକାଶ ଆର୍ଟ ଗ୍ୟାଲେରୀର ଉନ୍ମୋଚନ ଓ ୪୨ ଜଣ ଶିଳ୍ପୀଙ୍କୁ ନେଇ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜନ ବେଶ୍ ଉପଭୋଗ୍ୟ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଭର୍ଚୁଆଲ ମୋଡରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ଶ୍ରୀ ରଞ୍ଜନ କୁମାର ଦାସ ତାଙ୍କ ଅଭିଭାଷଣରେ ଓଡ଼ିଶା ଲଳିତ କଳା ଏକାଡେମୀ ଓ ଜିଲ୍ଲା ପ୍ରଶାସନର ଏଭଳି ଉଦ୍ୟମକୁ ପ୍ରଶଂସା କରିଥିଲେ ।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳ ଶ୍ରୀ ଶୁଭମ୍ ସକ୍ସେନା, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦିଲୀପ କୁମାର ବଳଙ୍କ ସହ କର୍ଡୋଲା ବୁଣାକାର ସଂଘ ସଭାପତି ଶ୍ରୀ ବଳରାମ ମେହେର, ଏକାଡେମୀର ସଚିବ ଶ୍ରୀ ପଞ୍ଚାନନ ସାମଲ ପ୍ରମୁଖ ମଞ୍ଚାସୀନ ଥିଲେ । ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ତଥା ଓଡ଼ିଶା ଲଳିତ କଳା ଏକାଡେମୀର ସଭାପତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଓ ସଚିବ ଶ୍ରୀ ସାମଲଙ୍କ ତତ୍ତ୍ୱାବଧାନରେ ୪୨ ଜଣ ଚିତ୍ରଶିଳ୍ପୀ ବାନ୍ଧ କଳା ଉପରେ ବୁଣାକାରଙ୍କ ଘର କାନ୍ଥରେ ଚିତ୍ର ଅଙ୍କନ କରିଥିଲେ । ୪ ହଜାର ବର୍ଗ ଫୁଟରେ ଅଙ୍କା ଯାଇଥିବା ଚିତ୍ର ଗୁଡିକୁ ଅଧିକାରୀମାନେ ବୁଲି ଦେଖିଥିଲେ । ଅତିଥିମାନେ ୪୨ ଜଣ ଚିତ୍ରଶିଳ୍ପୀଙ୍କୁ ଉପଢୌକନ ଓ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା । ଓଡ଼ିଶା ଲଳିତ କଳା ଏକାଡେମୀ ସଦସ୍ୟ ଶ୍ରୀ ଶ୍ୟାମ ସୁନ୍ଦର ମେହେର, କଳା ଶିବିର ସଂଯୋଜକ ଶ୍ରୀ ନୃସିହ ନାଥ ନାୟକ ଓ ଶ୍ରୀ ଶଶଧର ପତି, କର୍ଡୋଲା ଗ୍ରାମବାସୀ ଓ ସମସ୍ତ ବୁଣାକାର ପରିବାର ପକ୍ଷରୁ ମଧ୍ୟ ଚିତ୍ରଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା । ପୂର୍ବରୁ ପୁରୀ ନିକଟସ୍ଥ ଐତିହ୍ୟ ଗ୍ରାମ ରଘୁରାଜପୁରଠାରେ ଏକାଡେମୀ ତରଫରୁ ଅନୁରୂପ ଭିତ୍ତିଚିତ୍ର ଶିବିର ଆୟୋଜନ କରାଯାଇଥିଲା ।

ସୁବାଷ ନିଆଲ
ସୂଚନା ଅଧିକାରୀ